# ତହସିଲ କାର୍ଯ୍ୟାଳୟ ରେଙ୍ଗାଲି, ଜିଲ୍ଲା ସମ୍ବଲପୁର ।

Misc. Case No- 13......... / 2023

## ସର୍ବସାଧାରଣ ନୋଟିସ

ତାରିଖ: 10/10/2023

ନୋଟିସ ନଂ. 954

ଏତଦ୍ ଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ ମୌଜା – ଲପଙ୍ଗା ଅନ୍ତର୍ଗତ ନିମ୍ନ ସୂଚୀତ ସରକାରୀ ଜମିକୁ ଇଡକୋ କର୍ତ୍ତୃପକ୍ଷ ଭୁବନେଶ୍ୱର (ଓଡିଶା), ଶିଳ୍ପ ପ୍ରତିଷ୍ଠା ଏବଂ ସଂବନ୍ଧ ଗତିବିଧିର ସ୍ଥାପନା ସକାଶେ ଲ୍ୟାଣ୍ଡ ବ୍ୟାଙ୍କ ନିମନ୍ତେ ଲିଜ ପାଇଁ ଅତ୍ର କାର୍ଯ୍ୟାଳୟରେ ଦରଖାସ୍ତ ଦାଖଲ କରିଛନ୍ତି । ଆବେଦନ କରାଯାଇଥିବା ନିମ୍ନ ତଫସିଲ ଭୁକ୍ତ ଜମିର କିସମ "ଧର୍ସା ଓ ଦଣ୍ଡା" ରେକର୍ଡ ଥିବାରୁ ଉକ୍ତ ଜମି ର କିସମ ପରିବର୍ତନ "ଧର୍ସା ଓ ଦଣ୍ଡା" ରୁ ପତିତ କିସମ ଓ ସର୍ବସାଧାରଣ ଖାତାରୁ ଆବାଦ ଯୋଗ୍ୟ ଅନାବାଦୀ ଖାତା କୁ ରେକର୍ଡ କରାଯିବା ନିମନ୍ତେ ଆବଶ୍ୟକୀୟ ପଦକ୍ଷେପ ନେବା ପାଇଁ ପ୍ରସ୍ତାବ ଗ୍ରହଣ କରାଯାଇଛି ।

ଏଥିରେ ଯଦି କୌଣସି ବ୍ୟକ୍ତି ବିଶେଷଙ୍କର କିଛି ଆପତ୍ତି ଅଭିଯୋଗ ଥାଏ ତାହାହେଲେ ଏହି ନୋଟିସ ପ୍ରକାଶନର ୧୫ (ପନ୍ଦର)ଦିନ ଭିତରେ ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟରେ ଲିଖିତ ଆକାରରେ ଟ. ୨୦/- କୋର୍ଟ ଫି ସହିତ ଅଭିଯୋଗ ଦେବାପାଇଁ ଅନୁରୋଧ କରାଯାଉଅଛି । ମିଆଦ ଗତେ କୌଣସି ଦାବୀ ବା ଅଭିଯୋଗ ଗ୍ରହଣୀୟ ହେବନାହିଁ ।

## ତଫସିଲ ଭୁକ୍ତ ଜମି

| ମୌଜା | ଖାତା ନମ୍ବର | ପ୍ଲଟ୍ ନମ୍ବର | ଆବେଦନ ରକବା ଏ. | କିସମ | ପ୍ରସ୍ତାବିତ କିସମ |
|---|---|---|---|---|---|
| ଲପଙ୍ଗା | ୩୭୧ (ସର୍ବସାଧାରଣ) | ୩୯ | ୦.୧୯୦ | ଧର୍ସା | ପତିତ |
| | | ୪୧ | ୦.୩୦୦ | ଧର୍ସା | ପତିତ |
| | | ୭୫୮ | ୦.୭୬୦ | ଦଣ୍ଡା | ପତିତ |
| | | ୧୪୬୨ ରୁ | ୧.୧୨୦ | ଦଣ୍ଡା | ପତିତ |
| | | ୭୬୧ | ୧.୩୫୦ | ଦଣ୍ଡା | ପତିତ |

10.10.23
ତହସିଲଦାର ରେଙ୍ଗାଲି
TAHASILDAR, RENGALI

ଜ୍ଞାପକ ସଂଖ୍ୟା 956 / ତା: 10/10/2023

ଏହାର ଏକ କିତା ନକଲ ସଂପୃକ୍ତ ଗ୍ରାମର ମଧ୍ୟସ୍ଥଳିରେ ଜାରିକରିବା ପାଇଁ ଓ ରାଜସ୍ୱ ନିରୀକ୍ଷକ ଲପଙ୍ଗା ଙ୍କ କାର୍ଯ୍ୟାଳୟ / ଗ୍ରାମ ପଞ୍ଚାୟତ ଲପଙ୍ଗା ଏବଂ ତହସିଲ କାର୍ଯ୍ୟାଳୟର ନୋଟିସ ବୋର୍ଡରେ ବହୁଳ ପ୍ରସାର ନିମନ୍ତେ ପ୍ରେରଣ କରାଗଲା ।

10.10.23
ତହସିଲଦାର ରେଙ୍ଗାଲି
TAHASILDAR, RENGALI

ଜ୍ଞାପକ ସଂଖ୍ୟା 957 / ତା: 10/10/2023

ଏହାର ଏକକିତା ନକଲ ଜିଲ୍ଲା ସୂଚନାବିଜ୍ଞାନ ଅଧିକାରୀ, ଜାତୀୟ ସୂଚନାବିଜ୍ଞାନ କେନ୍ଦ୍ର, ସମ୍ବଲପୁରଙ୍କ ଅବଗତି ତଥା ବିହିତ କାର୍ଯ୍ୟାନୁଷ୍ଠାନ ଏବଂ ଏହାର ବହୁଳ ପ୍ରସାର ନିମନ୍ତେ ପ୍ରେରଣା କରାଗଲା ।

10.10.23
ତହସିଲଦାର ରେଙ୍ଗାଲି
TAHASILDAR, RENGALI